# Akashvani, Sambalpur

## SAMBALPURI NEWS BULLETIN

### 24 August 2024- 6.47- 6.52 am.

*********************************************

ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ଇ ବଛର୍‌ନୁ ପାଲନ୍ କରାଯିବା । ଭୁବ୍‌ନେଶ୍ୱର୍ ଠାନେ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଆଏବା ୩୧ ତାରିଖ୍ ଦିନ ନିଖିଲ୍ ଭାରତ୍ ସ୍ୱାୟତ ଶାସନ୍ ଦିବସ୍ ପରିପ୍ରେକ୍ଷୀଥି ପହେଲାଥର୍ ଲାଗି ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ଆୟୋଜନ୍ କର୍‌ବାର୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ଇ ଦିନ ରାଜ୍ୟର୍ ଶହେ ୧୫ ଟା ପୌରାଂଚଲ୍ ନ ଏକାସାଙ୍ଗେ ଭିନ୍ ଭିନ୍ ପ୍ରସଙ୍ଗ୍ ଲୋକାର୍ପଣ୍, ପ୍ରତିଯୋଗିତା ଆୟୋଜନ୍ କରାଯାଇକରି ପୁରସ୍କାର୍ ଆଉ ପ୍ରମାଣ୍‌ପତ୍ର

ଦେବାର୍, ସଭା ସମିତି ଆଉ ଭିନ୍ ଭିନ୍ କ୍ଷେତ୍ର ନ ଉଲ୍ଲେଖନୀୟ କାମ୍ କରୁଥିବା ଲୁକ୍‌କୁ ସମ୍ବର୍ଦ୍ଧନା ଦେବାର୍‌କେ ନିଷ୍ପତି ହେଇଛେ ।

ସୁଭଦ୍ରା ଯୋଜ୍‌ନା            ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ ହେଇଯାଇଛେ । ହିତାଧିକାରୀମାନେ ଯେନ୍ତା ଇ ଯୋଜ୍‌ନାଥି ସଠିକ୍ ସୂଚ୍‌ନା ପାଏବେ ଆଉ ଆବେଦନ୍ କରିପାର୍‌ବେ ସେଥିର୍‌ଲାଗି ସବୁ ପ୍ରକାର୍ ବ୍ୟବସ୍ଥା ଉପ୍‌ରେ ଉନ୍ନୟନ୍ କମିଶନର୍ ଜୋର୍ ଦେଇଛନ୍ । ଇ ଯୋଜ୍‌ନା ଅଧିନ୍‌ଥି ଆସୁଥିବା କେନ୍‌ସି ହିତାଧିକାରୀ ଇ ସୁବିଧାନୁ ଯେନ୍ତା ବାଦ୍ ନାଇଁ ପଡ଼୍‌ବେ ତାର୍ ଉପ୍‌ରେ ନଜର୍ ଦେବାର୍‌କେ କୁହାଯାଇଛେ ।

ଏସ୍‌ସି, ଏସ୍‌ଟି-ଘର୍‌ବାଏର୍            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସହରାଂଚଲ୍‌ନୁ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ବର୍ଗର୍ ଲୁକ୍‌କର୍ ଘର୍‌ବାଏର୍ କିସମ୍ ଜମି ବିକ୍ରି କ୍ଷେତ୍ରଥି

ରାଜସ୍ୱ ଅଧିକାରୀ କି ସ୍ଥାନୀୟ ତହସିଲ୍‌ଦାର୍‌ଙ୍କର୍ ଅନୁମତି ବାଧ୍ୟତାମୂଲକ୍ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଗ୍ରାମାଂଚଲ୍ ବାଗିର୍ ସହରାଂଚଲ୍ ନ ଭିଲ୍ ଇ କ୍ଷେତ୍ର ନ ଓଡ଼ିଶା ଜମି ସଂସ୍କାର୍ ଆଇନ୍ ଓଏଲ୍‌ଆର୍-୧୯୬୦ ର ଧାରା ୨୨ ଲାଗୁ ହେବା । ଇ ଆଇନ୍‌କେ ବାଦ୍ ଦେଇକରି ଜମି ବିକ୍ରି ନାଇଁ ହେଇପାରେ ବଲି ଇ ବାବଦ୍ ପିଟିସନ୍ ମାନ୍‌କୁ ଖାରଜ୍ କରିକରି ହାଇକୋର୍ଟ ଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ ।

ଫି ପଂଚାୟତ୍ ନ ପେକ୍ସ          ଆର୍‌ଏନ୍‌ୟୁ /ସମ୍ବଲପୁର

ଫି ପଂଚାୟତ୍ ନ ପେକ୍ସ ଖୁଲାଯିବା । ସେନ୍ତା ମାର୍କଫେଡ୍‌ର ପୁନର୍ଗଠନ୍ ହେବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ । ଗଲାକାଏଲ୍ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତଙ୍କର୍ ତର୍‌ଫୁ ବିଧାନ୍‌ସଭା ନ ସମବାୟ ବିଭାଗ୍‌ର ଖର୍ଚ୍ଚ ଦାବି ଉପସ୍ଥାପନ୍ କରିକରି ଶ୍ରୀ ସୂରଜ୍ କହିଛନ୍ ଯେ, ଇ ବାବ୍‌ଦେ ୧ ହଜାର୍ ୮ଶହ ୩୦ ଲାଖ୍ ଟଙ୍କା ଖର୍ଚ୍ଚା ହେବା । ଇତାର୍‌ଛଡ଼ା ଗ୍ରାମୀଣ ଭିତିଭୂମି ବିକାଶ୍ ପାଣ୍ଠିଥି ୮୦ ଟା ୨ ଶହ ମେଟ୍ରିକ୍‌ଟନ୍‌ର ଗୁଦାମ୍ ଘର୍ ହେବା । ଇ ବାବ୍‌ଦେ ୪ ହଜାର୍ ଲାଖ୍ ଟଙ୍କା ଖର୍ଚ୍ଚା ହେବା ।

ପଂଚାୟତ୍                    ଆର୍ଏନ୍ୟୁ /ସମ୍ବଲପୁର

ଶହେ ବଛର୍‌ନୁ ଅଏତ୍‌କା ହେଇଥିବା ରାଜ୍ୟର୍ ୪୫ ଟା ହାଇସ୍କୁଲ୍‌ର ସୁରକ୍ଷା ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଧାୟକ୍ ବିଭୂତି ଭୂଷଣ୍ ବଲବନ୍ତ ରାୟଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ଯେ, ଇ ସ୍କୁଲ୍ ମାନ୍‌କର୍ ଉନ୍ନତିକରଣ୍ ଲାଗି ୨୦୨୩-୨୪ ଥି ନୀତିଗତ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ।

ରାଜ୍ୟ ସର୍‌କାର୍-ଭତା              ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ରହୁଥିବା ୮୦ ବଛର୍ କି ତାର୍ ନୁ ଅଏତ୍‌କା ବୟସ୍କ ବରିଷ୍ଠ ନାଗରିକ ଆର୍ ଶତ୍‌କଡ଼ା ୮୦ କି ତାର୍‌ନୁ ଅଏତ୍‌କା ଅକ୍ଷମ୍ ଥିବା ୫ ଲାଖ୍ ୨୬ ହଜାର୍ ୮ ଶହ ୩୭ ଝନ୍ ଯୋଗ୍ୟ ହିତାଧିକାରୀମାନ୍‌କୁ ୩ ହଜାର୍ ୫ ଶହ ଟଙ୍କା ଲେଖା ଭତା ଦେବାର୍‌କେ ରାଜ୍ୟ ସର୍‌କାର୍ ଯୋଜ୍‌ନା କରୁଛନ୍ । ବିଧାନ୍‌ସଭା ନ ବିଧାୟକ୍ ମନୋହର୍ ରନ୍ଧାରୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍

ଦେଇକରି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ଯେ, ରାଜ୍ୟ ନ ମଧୁବାବୁ ଭତା ଯୋଜ୍‌ନାଥି ୩୬ ଲାଖ୍ ୭୫ ହଜାର୍ ୮ ଝନ୍ ଆଉ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ୨୦ ଲାଖ୍ ୩୩ ହଜାର୍ ୯ ଶହ ୫୯ ଝନ୍ ହିତାଧିକାରୀମାନ୍‌କୁ ଭତା ଦିଆଯାଉଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ରାହୁରେଖା ଲାଗି ନୀତି ଆର୍‌ଏନ୍‌ୟୁ/ସମ୍ବଲପୁର

ପୁରୀ ଶ୍ରୀକ୍ଷେତ୍ର ନ ଆଏଜ୍ ଶ୍ରୀ ବିଗ୍ରହମାନ୍‌କର୍ ରାହୁରେଖା ଲାଗି ନୀତି ହେବା । ଇଥିର୍‌ଲାଗି ପହେଲା ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ପାଖାପାଖି ଦୁଇବଜେନୁ ସଞ୍ଜର୍ ୬ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି ପାଖର୍ ୩୩ କେଭି ଫିଡ଼ର୍ ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏଜ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି, କାଇଁସିର୍, ଭାଲୁପାଲି, ବୁଢ଼ାରଜା, ପ୍ରଧାନ୍‌ପଡ଼ା, ଅନୁଗୁଲିଆପଡ଼ା, ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାଟକ୍, ଚେରୁଆପଡ଼ା, ବଲ୍‌ବସ୍‌ପୁର୍, ସମଲେଇମନ୍ଦିର ଏରିଆ, ପଟ୍ଟନାୟକ୍‌ପଡ଼ା, ଲେବର୍‌କଲୋନୀ, ମୁଦିପଡ଼ା, ରେଲ୍‌ୱେ କଲୋନୀ, ବଡ଼ବଜାର୍ , ବଙ୍ଗାଲୀପଡ଼ା, ଲକ୍ଷ୍ମୀଡୁଙ୍ଗୁରି,

ଦୁର୍ଗାପାଲି, ସହଯୋଗ୍‌ନଗର୍, ରେମେଡ୍, ବରେଇପାଲି ଆର୍ କ୍ଷେତ୍‌ରାଜ୍‌ପୁର୍ ଆର୍ ଆଖର୍‌ପାଖର୍ ଇଲାକା ନ ଆଏଜ୍ ସଖାଲର୍ ୮ ବଜୁ ଦିନର୍ ୨ ବଜେତକ୍ ପାୱାର୍‌କଟ୍ ହେବା ।

ସପ୍ଲିମେଂଟ୍‌ରୀ ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ହେଇଥିବା ମେଟ୍ରିକ୍ ସପ୍ଲିମେଂଟ୍‌ରୀ ପରୀକ୍ଷାଫଲ୍ ଆଉ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । ସପ୍ଲିମେଂଟରୀ ପରୀକ୍ଷା ଦେଇଥିବା ୭ ଶହ ୯୬ ଝନ୍ ପରୀକ୍ଷାର୍ଥୀଙ୍କର୍ ଭିତ୍‌ରୁ ୪ ଶହ ୪୧ ଝନ୍ ପାସ୍ କରିଛନ୍ । ପରୀକ୍ଷାର୍ଥୀମାନେ ସେମାନ୍‌କର୍ ପରୀକ୍ଷାଫଲ୍ ବୋର୍ଡ଼୍ ୱେବ୍‌ସାଇଟ୍‌ନୁ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ବୋର୍ଡ଼୍ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୨୬ ଟା ଜିଲ୍ଲାର୍ କେତେଟା ଜାଗା ନ ଆଏଜ୍ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍

ବିଜ୍ଞାନ୍ କେନ୍ଦ୍ର ତରଫ୍ରୁ କୁହାଯାଇଛେ । ଇମାନ୍‌କର୍ ଭିତ୍‌ରୁ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାରସୁଗୁଡ଼ା, ଦେବ୍‌ଗଡ଼୍, ଢେଙ୍କାନାଲ୍, ଅନୁଗୁଲ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଅପର୍‌ବଲ୍ ବର୍ଷା ହେଇପାରେ ।